ISSN -2583-147X(P), Vol.- 8, Issue No. I, April 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଏକବିଂଶ ଶତାବ୍ଦୀର ଓଡ଼ିଆ କବିତାରେ ପୁରୁଷଚେତନା ।

ବିଷ୍ଣୁପ୍ରସାଦ ସାହୁ

ବଦଳିଛି ସମୟ । ଏହି ବଦଳୁଥିବା ସମୟ ସହ ତାଳଦେଇ ବଦଳି ଚାଲିଛି ଆମର ସନାତନ ମନ ଓ ମାନସିକତା । ପାରମ୍ପରିକ ଶୃଙ୍ଖଳର ଅବବୋଧରୁ ମୁକୁଳି ଆସି ଏକ ମୁକ୍ତଚିନ୍ତନ ଓ ସ୍ୱେଚ୍ଛା – ଭାବପ୍ରକାଶର ଭାବଭୂମିରେ ଦଣ୍ଡାୟମାନ ଓଡ଼ିଆକବିତା ଅଧୁନାଲିଙ୍ଗବୈଷମ୍ୟ ପ୍ରତିତାର ଦୃଷ୍ଟିକୋଣ ବଦଳାଇଛି । ଦୀର୍ଘ ଦଶନ୍ଧି ଧରି ଅଳକାସାନ୍ୟାଲ, ପ୍ରତିମା ନାୟକ, ଚନ୍ଦ୍ରା ବେହେରାଣି ଆଦି ନାରୀଚରିତ୍ରମାନ ଓଡ଼ିଆ କବିତାରେ ନାରୀତ୍ୱର ପ୍ରତିନିଧିତ୍ୱ କରି ଆସିଥିବାବେଳେ ପୁରୁଷ ଚେତନାଟି ଉହ୍ୟ ହୋଇ ରହିଥିଲା । ପୁରୁଷର ଜୀବନ ସଂଗ୍ରାମ ଓ ମନସ୍ଥିତି ଗତ ବିଚଳନ, ଅନ୍ତଃସାରଶୂନ୍ୟତା, ଏକାକୀତ୍ୱ ଆଦି ନୂତନ କାବ୍ୟ ବିଭବଭାବେ ଏକବିଂଶ ଶତାବ୍ଦୀର କବିତାକୁର ସାଣିତ କରିଛି ।

ପୁରୁଷତନ୍ତ୍ରର ଏକଛତ୍ର ସମ୍ବିଧାନରେ କେବଳ ନାରୀଟିଏ ନୁହେଁସ୍ୱୟଂ ପୁରୁଷଟିଏ ମ୍ଭ ଶାରୀରିକ ଓ ମାନସିକ ଭାବେ ନିର୍ଯ୍ୟାତିତ । ନାନାକାଇଦା କଟକଣା ଓ ମାନସିକ ପ୍ରସ୍ତୁତିରେ ପୁରୁଷକୁ ଅବତୀର୍ଣ୍ଣ ହେବାକୁ ହୁଏ ଯୋଗ୍ୟତାର ରଣଭୂମିରେ । ପାରିବାରିକ ଦାଇତ୍ୱବହନ, ରୋଜଗାରର ପନ୍ଥାସନ୍ଧାନ, ଚାକିରୀସମସ୍ୟା , ଆର୍ଥିକସମସ୍ୟା, ଅସନ୍ତୁଳିତ ଦାମ୍ପତ୍ୟ ଓ ମାନସିକ ଅବସାଦରେ ପୁରୁଷଟିଏକିପରି ନିସ୍ୱ ହୋଇଯାଉଛି , ତାହା ସାଂପ୍ରତିକ କବିତାରେ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି କବିମାନେ ।କିମ୍ବଦନ୍ତୀ ଓ ପୁରାଣ ପୃଷ୍ଠାରୁଉକୁଟି ଆସିଛନ୍ତି ଅଶ୍ୱତ୍ଥମା, କର୍ଣ୍ଣ, ଏକଲବ୍ୟ, ଦ୍ରୋଣ, ଦୁଃଶାସନ, ଚନ୍ଦ୍ରସେଣା ପରିବହୁ ପୁରୁଷଚରିତ୍ର । ସେହିପରି କବି କଳ୍ପନାରେ ପ୍ରସୂତସନାତନ, ହରେକୃଷ୍ଣ ଦାଶ, ଶୁକଦେବ ଜେନା,ଶୁଦ୍ଧୋଦନ, ଗୋଲାମ ଦା. ଗୋବୀନ୍ଦଚନ୍ଦ୍ର ପରିଚରିତ୍ରମାନେ ବି ପାଠକୀୟ ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ପୂର୍ବସୂରୀମାନଙ୍କ ଲିଖନୀରୁ ଜନ୍ମିତ ଅନନ୍ତା,ହରିସିଂ, ବଳିଦଉ, ଚନ୍ଦ୍ରମଣୀ, ଗୋକୁଳି ନାୟକ ଆଦି ଚରିତ୍ରମାନେ ନବନିର୍ମାଣର ପ୍ରେକ୍ଷାପଟ୍ଟରେ ସାଂପ୍ରତିକ ଓଡ଼ିଆକବିତାର ପୃଷ୍ଠାମଣ୍ଡନ କରିଛନ୍ତି ।ତେବେ ପୁରୁଷକୁ ନାୟକ କରି ବ୍ୟକ୍ତି- ବିଶ୍ୱ ଓ ବିଶ୍ୱ-ବ୍ୟକ୍ତିଚେତନାରେ ନିଃସଙ୍ଗତା, ପାପବୋଧ, ସ୍ୱପ୍ନଭଙ୍ଗ ପରି ଉପାଦାନମାନ ବିଂଶଶତାବ୍ଦୀର କବିତାରେ ଦେଖା ଦେଇଥିଲେ ହେଁ ପୁରୁଷଟିଏ ପୁରୁଷତ୍ୱର କଥା କହିନାହିଁ । ପୁରୁଷତ୍ୱଜନିତ ସଂଘର୍ଷ ସଂଘାତ, ସମସ୍ୟା, କ୍ରିୟା- ପ୍ରତିକ୍ରିୟାକୁ ସୂକ୍ଷ୍ମାନୁ ସୂକ୍ଷ୍ମ ଭାବେ ଅଧ୍ୟୟନ କରିବାର ପ୍ରକ୍ରିୟାଟି ବିଶେଷ ଭାବେ ଏକବିଂଶ ଶତାବ୍ଦୀର କବିତାରେ ପ୍ରତଫଳିତ ହୋଇଛି । ତେଣୁ ଜଞ୍ଜାଳଗ୍ରସ୍ତ ପୁରୁଷଟିଏ ନିଜର ବିକ୍ରମତ୍ୱକୁ ସଂସାରର କାର୍ଯ୍ୟଭାରରେ ପୋଷା ମନେଇ ନେଇଥିବା କଥା ସ୍ୱୀକାର କରି କବି ସରୋଜ ବଳ କହନ୍ତି-

" କେବଳମୁଁ ନୁହେଁ, ପରୀକ୍ଷା କରିନିଅ
ପ୍ରତିଟି ପୋଷା ମାନିଥିବା ପୁରୁଷ ଭିତରେ
ବଂଚିଥାଇ ପାରେ କିଛି ହିଂସ୍ରତା, ଯାହା ସେମାନେ
ଦୈବାତ କୌଣସି ଅନ୍ଧାରରେ ( ବା ଦୁଃସ୍ୱପ୍ନରେ)
ଝାଡ଼ିଝୁଡ଼ି ଦେଇ ଚାଲିଆସିଥାନ୍ତି
ବା କେହି ଜଣେ କୁହୁକିନୀ ମନ୍ତ୍ର ଫୁଙ୍କି ଝାଡ଼ି ଦେଇଥାଏ
ଧୂଳି ପରି ସେମାନଙ୍କ ଯେତେ ସବୁ ବିଷ ।"
( ପୋଷା ପୁରୁଷ, ଜନପଥ ରେଖରା, ପୃ - ୧୦୯)

ସମାଜର ଦାୟବଦ୍ଧତାରେ ଦିନଦିନ ଧରି ନିଜ ଅସ୍ତିତ୍ୱକୁ ନାରୀଟିଏ ଜଳାଞ୍ଜଳୀ ଦେଲାପରି ପୁରୁଷଟିଏ ମ୍ଭ ଦିଏ । ବେଳେବେଳେ ଅଜଣା ଦାଇତ୍ୱର ଘୁଙ୍ଗୁର ନାରୀଟିର ପାଦରେ ଛନ୍ଦି ହୋଇଗଲେ ହେଁ ଅନୁରୂପ ଭାବରେ ପୁରୁଷର ନୀରବତା ଓ ନୀରିହତାର ଛାତିରେ ଲଦା ହୁଏ ପରିବାରର ବୋଝ । ପୁରୁଷଟିଏ ନିର୍ଲିପ୍ତ ନଟବର ପରି ନାଚେ, ତା'ର ପରିବାରତା"କୁ ନଚାଏସମୟ ଅସମୟରେ ।ତା' ପାଇଁସଫଳତା, ବି'ଳତା, ସ୍ୱପ୍ନ କି ସ୍ୱପ୍ନ ଭଙ୍ଗର କୌଣସି ମହତ୍ତ୍ୱ ନଥାଏ । ଅଲୋକ ଓ ଅନ୍ଧାରର ସମୀକରଣ ହୋଇପଡ଼େ ତା'ଜୀବନ । ଉଭୟ ସ୍ତ୍ରୀ ଓ ପୁରୁଷର ସମୀକରଣରେ ସୃଷ୍ଟ ହୁଏ ଗୋଟିଏ ଉତ୍ତମ ପରିବାର । ରୋଜଗାର, ଅର୍ଥ ଉର୍ପାଜନ, ପରିବାରର ପ୍ରତିପୋଷଣ, କୃଷିକର୍ମ ଆଦି ସମୟକ୍ରମରେ ପୁରୁଷ ସହ ଯୋଡ଼ି ହୋଇଥାଏ । ପରିବାରର ଆବଶ୍ୟକତାକୁ ପୁରଣ କରିବାକୁ ଯାଇ ପୁରୁଷଟିଏଘରୁ ପାଦ କାଢ଼େ । ପୁରୁଷର ପ୍ରଛଦପଟ୍ଟରେ ନାରୀଟି ପରକୀୟା ସଂପର୍କରେ ଲିପ୍ତ ରହେ । ଏହି ମର୍ମରେ କବି ଦିଲୀପ କୁମାର ସ୍ୱାଇଁଙ୍କର ଅନୁରୂପ ଭାବାବେଗକୁ ଲକ୍ଷ୍ୟକରନ୍ତୁ –

" ଏଇ ଦିନକର କଥା ନୁହେଁ ବନ୍ଧୁ
ପ୍ରତିଦିନ ଅଁିସ୍‌ରୁ ଫେରିବାବେଳକୁ
ଚଟାଣରେ ବାଘଖୁରା
ଗଭାରେ ମଲ୍ଲୀମାଳ
ଚିବୁକରେ ଚୁମାଚିହ୍ନ
ଘର, ଘରଣୀ ସମସ୍ତେ ଛନ୍ଦହୀନ ।"
(ଜଣେ ଉଦାସ ପତି ପ୍ରତି, ଯୋଗୀଗୀତ, ପୃ – ୩୫ ।)

ପତ୍ନୀର ପରକୀୟା ପ୍ରେମଚର୍ଯ୍ୟାରେ ପତି ପୁରୁଷର ମନଃସ୍ଥିତି ଗତ ନୈରାଶ୍ୟକୁ ଏଠାରେ ଲକ୍ଷ୍ୟ କରାଯାଇପାରେ । ସ୍ୱାମୀ ଓ ସ୍ତ୍ରୀର

ମଧ୍ୟରେ ଥିବା ଏକ ପବିତ୍ର ବିଶ୍ୱାସ ହତ୍ୟା ହେଲା ପରେ ପୁରୁଷ ଜୀବନର ସମସ୍ତ ସବୁଜିମା ଓ ସଂଭାବନା ଧ୍ୱଂସ ପାଏ । ଏକବିଂଶ ସମାଜର ଚକ୍ରବ୍ୟୁହରେ ପତ୍ନୀର ବଶ୍ୟତା ସ୍ୱୀକାରକରି ନିଜର ସମସ୍ତ ସ୍ୱାଧୀନତା ଓ ସ୍ୱତନ୍ତ୍ରତାକୁ ହରାଇ ଦେବା ଅପେକ୍ଷା ତାକୁ ସନ୍ୟାସପଣ ଯଥେଷ୍ଟ ମହତ୍ତ୍ୱରଲାଗେ ଯାହାର ଏକ ଚିତ୍ରଉକ୍ତ କବିତାରୁ ଆମେ ଲକ୍ଷ୍ୟକରୁ ।

ପୁରୁଷଟିଏ ଜନ୍ମ ହୋଇଥାଏ ସାଧାରଣ ମଣିଷଟିଏ ଶୁଟିଏହୋଇ । ମାତ୍ର ଧିରେ ଧିରେତାଉପରେ ପୁରୁଷତ୍ୱର ଆରୋପ ଘଟେ । ନାରୀ ଓ ପୁରୁଷ ନିର୍ମାଣରେ ସମାଜର ଭୂମିକା ସ୍ୱୀକାର୍ଯ୍ୟ । ପୋଷାକ ପରିଚ୍ଛେଦ, ଚାଲିଚଳଣି, ହସିବା, କଥା କହିବାଠାରୁ ଆରମ୍ଭ କରିଖାଦ୍ୟ ପେୟ, କ୍ରୀଡ଼ା, ରୁଚିବୋଧ, ଜୀବିକାଚୟନ ପରି ପ୍ରତିଟି କ୍ଷେତ୍ରରେଏହି ନାରୀ ପୁରୁଷର ବିଭେଦ ଲକ୍ଷ୍ୟଣୀୟ । ପୁରୁଷଟିଏ ପାଇଁ ପୁରୁଷଟିଏ ହୋଇ ଜିଇଁବାର ବ୍ୟାକରଣ ବଡ଼ ଜଟିଳ । ସେଥିରୁ ସୂତାଏ କମ୍‌ବେଶୀ ହେଲେ ପୁରୁଷକୁ ବିଲାଂଛନାର ଶୀକାର ହେବାକୁ ହୁଏ । କବି ଦିପୁନ୍ ପୁହାଣ କହନ୍ତି –

"ଅଣ୍ଟା ବଂକେଇଚାଲିବୁନି ପୁଅ
ବାସନ୍ଦ କରିଦେବ ସମାଜ,
ତୋଛାତିରେବାଳ ନଉଠିଲେ ପାପ
ତୋ ନାକରୁ ନିଶଖସିଗଲେ ଅନୁତାପ
ଗଳାକୁକୋମଳକରିକହିବୁନିକେବେ,
ହସନ୍ତି ଅନେକ
କର୍କଷ କରି ଭାଷିବୁ ।"
( ପୁଅଜନ୍ମ, ଅପାଦ ପ୍ରେମିକ, ପୃ – ୨୪)

ଯେଉଁପରି ଅବଳା, ଦୁର୍ବଳା, ଲଜ୍ଜାଶୀଳା, ସହନଶୀଳା, କୋମଳା ଆଦି ଗୁଣ ମଣ୍ଡିତ ହେବାପାଇଁ ନାରୀଟିଏ କେବେବି ବାଧ ନୁହେଁ ଓ ନାରୀଟିଏ ବି ଶକ୍ତି, ପ୍ରତିଭା, ତେଜ ଓ ସୌର୍ଯ୍ୟଭୂଷିତା ହୋଇପାରେ । ଠିକ୍ ସେହିପରି ପୁରୁଷଟିଏ ମଧ୍ୟ ପରାକ୍ରମ, ଅଂହ ଯୁକ୍ତ, ବଳଶାଳୀ, କ୍ରୋଧୀ, ସାହସୀ ପରିଭାବ ଯୁକ୍ତ ହେବାକୁ ବାଧ ନୁହେଁ । ପୁରୁଷର ହୃଦୟରେ ମଧ୍ୟ କୋକଳତାର ସ୍ଫୁରଣ ସମ୍ଭବ । ତେଣୁ କବି କୁହନ୍ତି –

" ମୋ ଦେହ ସାରା ପଥରରସାଜ
ମୁଁହେଲେ ପଥର ନୁହେଁ
ଖୋଜ ଖୋଜ ମୋ ଭିତରୁ
ନିରିମାଖୀ ଝରଣାଟେ ଖୋଜ ।"
(ପୁରୁଷ, ଫୁଲମନା, ପୃ – ୫୧)

ସବୁ ନିରୀହତା ଭିତରେ , ଲାଜ ଭିତରେ, ପ୍ରେମ ଭିତରେ, ସ୍ୱପ୍ନ ଭିତରେ, ଏମିତିକିସବୁ ନାରୀଭିତରେ ପୁରୁଷଟିଏ ବସା ବାନ୍ଧିଥାଏ ଚିରକାଳ । ତେଣୁ ପୁରୁଷ କହିଲେ କେବଳ ଏକ ଦେହ ସର୍ବସ୍ୱ ଅବବୋଧ ନୁହେଁ ।ଏହା ଏକ ଚେତନା ।କବି ପ୍ରସନ୍ନ କୁମାର ସ୍ୱାଇଁଏହି ପୁରୁଷ ଚେତନାଟିର ସନ୍ଧାନ ପାଇଛି ସର୍ବତ୍ର ।

" ସାରା ଦୁନିଆ ବୁଲିଆସ୍
ଦେଖିନେ ଯେଉଁଠି ଯେଉଁଠି
ଲାଗିଛିଲୁହରପୋଷ୍ଟର
କିଖୁସିରବିଜ୍ଞାପନ
ସେଠି ଠିଆ ହୋଇଛୁ ତୁ ।"
( କଣ୍ଢେଇ, ପୁରୁଷ ଈଶ୍ୱର, ପୃ – ୫୫)

ପୁଣି ଏହି ଲୁହର ପୋଷ୍ଟରକି ହସର ବିଜ୍ଞାପନ ସାଜି ନାୟକତ୍ୱର ପାଗ ବାନ୍ଧି ଜୀବନ ଜିଇଁବାର କଥା ଯେ ସହଜ ନୁହେଁ, ତାହା ସ୍ୱୀକାର କରିଛନ୍ତି କବି –

ରୀତିମତ୍ ଗୋଟାଉଥାଏ ବର୍ଷା
କଟାକ୍ଷର ଚାଲୁଥାଏ ବାଟ
ଯୋଡ଼ ଯାହାଟାଣି ଓଟାରି
ହିସାବ କାଲିବି
ବେନି ଆଂଗୁଳ ନିଅଣ୍ଟେ ।"

ମୁଖିଆ, ପୁରୁଷ ଈଶ୍ୱର, ପୃ – ୨୪)

କବି ପ୍ରସନ୍ନ କୁମାର ସ୍ୱାଇଁଙ୍କ 'ପୁରୁଷ ଈଶ୍ୱର' ସଙ୍କଳନସ୍ଥ ଜନ୍ଦା, ପାହାଡ଼, ମୁଖିଆ, ପିଠି, କଣ୍ଢେଇ, ରକ୍ତବୀର୍ଯ୍ୟ ଆଦି କବିତାରେ ଏହି ପୁରୁଷତ୍ୱର ସ୍ୱର ସ୍ପଷ୍ଟ ଶାଣିତ ଭାବରେ ଚିତ୍ରାୟିତ ।

ତେବେ ପୁରୁଷକୁ ନାୟକ କରି ବ୍ୟକ୍ତି – ବିଶ୍ୱ ଓ ବ୍ୟକ୍ତି – ଚେତନାର ନିଃସଙ୍ଗତା, ପାପବୋଧ, ସ୍ୱପ୍ନଭଙ୍ଗ ପରି ଉପାଦାନ ମାନେ ବିଂଶ ଶତାବ୍ଦୀର କବିତାରେ ଦେଖା ଯାଉଥିଲେ ହେଁ ପୁରୁଷଟିଏ ପୁରୁଷତ୍ୱର କଥା କହି ନାହିଁ । ପୁରୁଷତ୍ୱଜନିତ ସଂଘର୍ଷ – ସମସ୍ୟା କ୍ରିୟା ପ୍ରତିକ୍ରିୟାକୁ ସୂକ୍ଷ୍ମକୁ ସୂକ୍ଷ୍ମଭାବେ ଅଧ୍ୟୟନ କରିବାର ପ୍ରକ୍ରିୟାଟି ବିଶେଷ ଭାବରେ ପ୍ରତିଫଳିତ ହୋଇଛି । ଏକବିଂଶ ଶତାବ୍ଦୀର କବିତାରେ ତେଣୁ ଜଞ୍ଜାଳଗ୍ରସ୍ତ ପୁରୁଷଟିଏ ନିଜର ବ୍ୟକ୍ତିତ୍ୱକୁ ସଂସାରର କାବ୍ୟଭାରରେ ହରେଇଦିଏ । ତେଣୁ ପକ୍ଷୀ ପରିସ୍ୱପ୍ନ ଦେଖୁଥିବା ପୁଅଟିକୁ ତା'ର ବାପା 'ପୁଅ ପାଇଁ ପକ୍ଷୀଗୀତ' କବିତାରେ କୁହନ୍ତି –

"ପୁଅ କ'ଣ ଜାଣିଛି
ପକ୍ଷୀର ଜୀବନ, ଆସେ କେତେ ଝଡ଼ଝଞ୍ଜା
ପାଣିବୁନ୍ଦେ ପାଇଁ
ଉଡ଼ିଉଡ଼ି କ୍ଳାନ୍ତ ହୋଇ ବସିବ ଯେଉଁଠି
ପତ୍ର ଉହାଡ଼ରୁ ଜଳୁଥିବ ଚକ୍‌ମକ୍ ପଞ୍ଝା ।"
( ଫେରାର ପକ୍ଷୀର ଠିକଣା, ହୃଷୀକେଶ ମଲ୍ଲିକ, ପୃ – ୧୬୯ )

ନାୟକତ୍ୱର ମୋହ ପୁରୁଷକୁ ରାଜା କରାଏ ଯେତିକି ବଳଦ ପରିଖିଟାଏବିସେତିକି । ପୁରୁଷ କେବଳ କାମକରିବା ଜାଣେ ବିଶ୍ରାମ ଜାଣେନା, ଦରଦ ଦେଖାଇବା ଜାଣେନା । ନିଜକୁ ବିଜ୍ଞାପିତ କରିବା ଜାଣେନା, କୋହ ପ୍ରକାଶ କରିବା ଜାଣେନା, ନିଜର ଚିତସମାଜ

ବ୍ୟବସ୍ଥାରେ ପୁରୁଷଟି ଏକ୍ରମେକ୍ରୀଡ଼ନକ ପାଲଟି ଯାଏ ତେଣୁ କବି ପିନାକୀ ମିଶ୍ର 'ପୁରୁଷ' କବିତାରେ କୁହନ୍ତି –

"ପୁରୁଷ ବୋଲି ବହପ କାହିଁକି
ଏ ତ ଧାତୁ ତିଆରି ମୁଦ୍ରା
ଏଠୁ ସେଠିକି
ଯା ହାତରୁ ତାହା
ମଥା ଛୁଆଁ ପାଉଥିବ
ଟେକା ଟାଂଗର ବି ଖାଉଥିବ ।
(ପୁରୁଷ, ପଦ୍ମଗାମୀ, ପୃ -୬୯)

ଏତଦ୍‌ବ୍ୟତୀତ ସୌଭାଗ୍ୟ ମିଶ୍ରଙ୍କ 'ଶୁଦ୍ଧୋଦନ' ତୃପ୍ତିରଞ୍ଜନ ଦାଶଙ୍କର 'ପୁରୁଷ', ସୁବାସସୁନାନୀଙ୍କର 'ପୁରୁଷ ଦିବସ', ସାଇ ପ୍ରଭାସୁତାରଙ୍କର 'ଶକ୍ତପୁରୁଷ', ସୁମିତ୍ ପଣ୍ଡାଙ୍କର 'ବାପା', ଅଜୟ ପ୍ରଧାନଙ୍କ 'ବାପା', 'ଜଣେବୁଢ଼ାଲୋକସଂପର୍କରେ', 'ଚୌକିଦାର', କବିସଂଜିତ୍‌ବଳଙ୍କ 'ପୁଅ', 'ସନାସାମଲ', ବିପିନ ନାୟକଙ୍କ 'ପୁଅ', 'ଗୀତବୋଲୁଛିସନାତନ', କେଦାରମିଶ୍ରଙ୍କ 'ପୁରୁଷ', ହରପ୍ରସାଦ ଦାସଙ୍କ 'ସାତଶଙ୍ଖରରଘୁ', ଦୃଦାନନ୍ଦ ପାଣିଗ୍ରାହୀଙ୍କ 'ବାପା', କୃପାସିନ୍ଧୁ ନାୟକଙ୍କ 'ସେଦିନ ଅମାନିଆ ପିଲା', ସଚ୍ଚିଦାନନ୍ଦ ମିଶ୍ରଙ୍କ 'ଉତ୍ତର ପୁରୁଷ', 'ସ୍ୱପ୍ନ ଦେଖୁଥିବାଲୋକ,, 'ଦାନମାଝୀ ଓ ବିକ୍ରମାଦିତ୍ୟ', 'ବାଇମୁଣ୍ଡି' ଓ ପବିତ୍ରମୋହନ ଦାଶଙ୍କ 'ଦଳବେହେରା' ଆଦି କବିତାଗୁଡ଼ିକରେ ପୁରୁଷ ଚେତନାର ସଫଳ ରୂପାୟନ ଆମେ ଦେଖିବାକୁ ପାଉ ।

ଗବେଷକ, ବିଶ୍ୱଭାରତୀ, ଶାନ୍ତିନିକେତନ ।